# ସମାଜସେବକ ନୃସିଂହ ଗୁରୁ

ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ

ନୃସିଂହ ଗୁରୁ ଥିଲେ ଯଥାର୍ଥରେ ଜଣେ ନିର୍ଭୀକ ତଥା ସତ୍ୟଦ୍ରଷ୍ଟା ପୁରୁଷ । ସେ ଯାହା ଭାବୁଥିଲେ ତାହା କହୁଥିଲେ । ତାହାକୁ ହିଁ କାମରେ ପରିଣତ କରୁଥିଲେ । ସେ ସବୁ ରାଜନୈତିକ ଦଳ ଜାତି ଓ ଧର୍ମ ଊର୍ଦ୍ଧ୍ୱରେ ଥିଲେ । ସମାଜ ସେବାରେ ହିଁ ସେ ତାଙ୍କର ସମଗ୍ର ଜୀବନକୁ ମୁଖ୍ୟତଃ ନିୟୋଜିତ କରିଥିଲେ । ତାଙ୍କର ସେବା ଏକ ନିଷ୍ଠ ସେବା ଓ ଆତ୍ମଭାବର ସେବା ଥିଲା ଆଜି କାଲିର ସମାଜସେବିମାନେ ତାଙ୍କ କାର୍ଯ୍ୟକଳାପ ର ବହୁ କିଛି ଶିକ୍ଷା କରିବାର ଅଛି । ସେ କୌଣସି ପ୍ରଶଂସା ବା ପ୍ରଚାର ପାଇଁ ସେବା କରୁ ନ ଥିଲେ । ତାଙ୍କ ମତରେ ମାନବ ସେବା ଥିଲା ମାଧବ ସେବା ।

ସ୍ୱାଧୀନ ସଂଗ୍ରାମୀ ଓ ସମାଜସେବୀ ନୃସିଂହ ଗୁରୁ ସର୍ବଦା କ୍ଷମତାମୋହଠାରୁ ଦୂରରେ ଥିଲେ । ସେ ଚାହିଁଥିଲେ ବିଧାୟକ ଓ ମନ୍ତ୍ରୀ ହୋଇ ପାରିଥାନ୍ତେ । କୋଠାବାଡି ଓ ଧନସମ୍ପତ୍ତି ଉପାର୍ଜନ କରିପାରିଥାନ୍ତେ । କିନ୍ତୁ ସେ କ୍ଷମତା ଓ ଅର୍ଥକୁ ନିଜଠାରୁ ବସ୍ତୁତଃ ଦୂରେଇ ରଖିଥିଲେ । ସେଥିପାଇଁ ସେ ଥିଲେ ଜଣେ ସାହାସୀ ସାମ୍ବାଦିକ । ଦୁର୍ନୀତି, ଅନ୍ୟାୟ, ଅତ୍ୟାଚାର ଓ କୁସଂସ୍କାର ବିରୁଦ୍ଧରେ ତାଙ୍କର ଲେଖନୀ କଠୋର ଆଘାତ କରୁଥିଲା । ଜଣେ ବୟୋଜ୍ୟେଷ୍ଠ ଓ ପ୍ରବୀଣ ସାମ୍ବାଦିକ ଭାବରେ ସେ ଯେଉଁ ଆଦର୍ଶ ଦେଖାଇ ଯାଇଛନ୍ତି ତାହା ଆଜିକାଲି ବିରଳ । ସେ ଖାଲି ପାଦରେ ଆଣ୍ଠୁ ପର୍ଯ୍ୟନ୍ତ ଧୋତି ଖଣ୍ଡେ ପିନ୍ଧି ଓ ଗାମୁଛା ଖଣ୍ଡେ କାନ୍ଧରେ ପକାଇ ଗାଁ ଗାଁ ବୁଲି ସାଧାରଣ ଲୋକମାନଙ୍କର ଅଭାବ ଓ ନାନାବିଧ ସମସ୍ୟା ଭିତ୍ତିକ ସମ୍ବାଦ ସଂଗ୍ରହ କରି "ଦୈନିକ ସମାଜ" ରେ ପ୍ରକାଶ କରିଥିଲେ । ତାଙ୍କର ସରଳ ଜୀବନଯାପନ ଏବଂ ଆଦର୍ଶ ପାଇଁ ମନ୍ତ୍ରୀ, ପ୍ରଶାସକ, ସାହିତ୍ୟିକ, ବୁଦ୍ଧିଜିବୀ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଗଣଙ୍କଠାରୁ ସମ୍ମାନ ପାଉଥିଲେ । ଆଜି କାଲିକାର ସାମ୍ବାଦିକଗଣ ତାଙ୍କର ଆଦର୍ଶରେ ଅନୁପ୍ରାଣୀତ ହୋଇ ପାରିଲେ ସମାଜର ବହୁ ଉନ୍ନତି ହୋଇପାରନ୍ତା । ସମ୍ବଲପୁରରେ ଏପରି କୌଣସି ଜନ ସ୍ୱାର୍ଥକର ଘଟଣା ଘଟିନାହିଁ ଯେଉଁଥିରେ ନୃସିଂହ ଗୁରୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ସଂପୃକ୍ତ ନ ଥିଲେ । ଯେଉଁ ବ୍ୟକ୍ତି ସମାଜର ସେବାରେ ତାଙ୍କର ସମଗ୍ର ଜୀବନକୁ ଉତ୍ସର୍ଗ କରିଥିଲେ ତାଙ୍କପରି ଜଣେ ପୁଣ୍ୟାତ୍ମାଙ୍କ ସ୍ମୃତିରକ୍ଷା ପାଇଁ ପୁଣି ତାଙ୍କ ପ୍ରତି ଆମର ଶ୍ରଦ୍ଧା ଓ ସମ୍ମାନବୋଧର ନିଦର୍ଶନ ସ୍ୱରୂପ ଆମେ ସତରେ ଆଜି କଣ କରିପାରିଛୁ ।

ଆମର ଏହି ଆତ୍ମ ସମୀକ୍ଷା ଆଜି ତାଙ୍କ ପ୍ରତି ଆମର ଶ୍ରଦ୍ଧା ନିବେଦନର ସ୍ମାରକୀ ହେଉ ।

ପୂର୍ବତନ କୁଳପତି
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ